# NATIONAL NEWS BULLETIN (ODIA)

## 28 April - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଏନଡିଏ ସରକାର ଦେଶରେ ଦେଖାଦେଇଥିବା ପ୍ରମୁଖ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ପ୍ରୟାସ କରିଛନ୍ତି ।
- ଭାରତୀୟ ଜନତା ପାର୍ଟୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି ।
- କେନ୍ଦ୍ର ସରକାର ବାଂଲାଦେଶ, ସଂଯୁକ୍ତ ଆରବ ଏମିରେଟ୍ସ, ଭୁଟାନ, ବାହାରେନ, ମରିସସ୍ ଏବଂ ଶ୍ରୀଲଙ୍କାକୁ ୯୯ ହଜାର ମେଟ୍ରିକ୍ ଟନ୍ ପିଆଜ ରପ୍ତାନି କରିବାକୁ ଅନୁମତି ଦେଇଛନ୍ତି ।

ଏବଂ

- ଆଇପିଏଲ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛନ୍ତି ।

# ନିର୍ବାଚନ

ଲୋକସଭା ନିର୍ବାଚନର ଶେଷ ୫ଟି ପର୍ଯ୍ୟାୟ ପାଇଁ ପ୍ରଚାର ଅଭିଯାନ ଜୋର୍‌ସୋର୍‌ରେ ଜାରି ରହିଛି । ତୃତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟର ୯୪ଟି ଆସନ ପାଇଁ ଆସନ୍ତା ମଇ ୭ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ପ୍ରାୟ ୧ହଜାର ୩୫୧ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ।

# ପିଏମ୍-ଇଲେକ୍ସନ

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଏନଡିଏ ସରକାର ଦେଶରେ ଦେଖାଦେଇଥିବା ପ୍ରମୁଖ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ପ୍ରୟାସ କରିଛନ୍ତି । ମହାରାଷ୍ଟ୍ରର କୋହ୍ଲାପୁର ସହରର ତପୋବନ ପଡ଼ିଆରେ ଏକ ର୍ୟାଲିକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି  ଦେଶର ମହିଳା ଏବଂ ଯୁବକମାନଙ୍କୁ ତାଙ୍କ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ପର୍କରେ ଶ୍ରୀ ମୋଦୀ ଆତ୍ମନିର୍ଭର ଭାରତ ଏବଂ ଏନଡିଏ ସରକାରଙ୍କ ଷ୍ଟାର୍ଟ ଅପ୍ ଇଣ୍ଡିଆ ପଦକ୍ଷେପ ଉପରେ

ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ତାଙ୍କ ସରକାର କ୍ଷମତାକୁ ଆସିଲେ ମୁଦ୍ରା ଯୋଜନା ଅଧୀନରେ ଋଣ ରାଶିକୁ ଦୁଇଗୁଣା କରାଯିବ । କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟକୁ ଆକ୍ଷେପ କରି ଶ୍ରୀ ମୋଦୀ କହିଥିଲେ ଯେ ସେମାନେ ଜାତୀୟତାବାଦ ବିରୋଧୀ ଏବଂ ଘୃଣା ରାଜନୀତିରେ ବିଶ୍ୱାସ ରଖନ୍ତି। ବଞ୍ଚିତ ବର୍ଗ, ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ଯୁବକ ଓ ମହିଳାଙ୍କ କଲ୍ୟାଣ ପାଇଁ ସମର୍ପିତ ତାଙ୍କ ସରକାର ପୁଣି ଥରେ କ୍ଷମତାକୁ ଆସିବା ନେଇ ସେ ଆଶାବାଦୀ। ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା ମେ’ ୭ ତାରିଖରେ ତୃତୀୟ ପର୍ଯ୍ୟାୟରେ କୋହ୍ଲାପୁର ଆସନ ପାଇଁ ମତଦାନ ହେବ।

## ଅମିତ ଶାହା

ସେହିପରି ବରିଷ୍ଠ ବିଜେପି ନେତା ଅମିତ ଶାହା ଗତକାଲି ଗୁଜରାଟର ପୋରବନ୍ଦରଠାରେ ଏକ ନିର୍ବାଚନୀ ର୍‍ୟାଲିକୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ତୃତୀୟ ଥର ଲାଗି କ୍ଷମତାକୁ ଆସିଲେ ଭାରତ ବିଶ୍ୱର

ସର୍ବୋଚ୍ଚ ତିନୋଟି ଅର୍ଥ ବ୍ୟବସ୍ଥା ମଧ୍ୟରେ ସ୍ଥାନ ପାଇବ । ଗତ ୧୦ ବର୍ଷ ମଧ୍ୟରେ ବିଜେପି ସରକାର ଧାରା ୩୭୦ ଉଚ୍ଛେଦ କରିବା, ରାମ ମନ୍ଦିର ନିର୍ମାଣ, ଦେଶରେ ସନ୍ତ୍ରାସବାଦ ଏବଂ ନକ୍ସଲବାଦକୁ ସଫଳତାର ସହ ନିୟନ୍ତ୍ରଣ କରିବା ସହିତ ଶାନ୍ତି ଫେରାଇ ଆଣିବା ଦିଗରେ ନେଇଥିବା ଐତିହାସିକ ନିଷ୍ପତ୍ତି ଲାଗି ଶ୍ରୀ ଶାହା' ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଶ୍ରେୟ ଦେଇଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ବିଜେପି ଗୁଜରାଟର ସମସ୍ତ ୨୬ଟି ଯାକ ସଂସଦୀୟ ଆସନରେ ବିଜୟଲାଭ କରିବା ସହିତ କ୍ରମାଗତ ତୃତୀୟଥର ଲାଗି କେନ୍ଦ୍ରରେ କ୍ଷମତାସୀନ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହାଛଡ଼ା ଗୁଜରାଟର ଅନେକ ସ୍ଥାନରେ ଥିବା ଜଳ ସମସ୍ୟାକୁ କେବଳ ବିଜେପି ସରକାର ହିଁ ସମାଧାନ କରିପାରିବା ସହ ରାଜ୍ୟର ସାମଗ୍ରୀକ ସମୃଦ୍ଧି ସାଧନ କରିପାରିଛି ବୋଲି ଶ୍ରୀ ଶାହା ମତବ୍ୟକ୍ତ କରିଛନ୍ତି । ତେବେ ଭୋଟ୍ ବ୍ୟାଙ୍କ୍ ରାଜନୀତି ଏବଂ ତୁଷ୍ଟିକରଣ ନୀତି ଲାଗି ଶ୍ରୀ ଶାହା କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ଭାଲ୍‌ସାଦ୍ ଜିଲ୍ଲାର ଧରମପୁର ଠାରେ ଅନୁଷ୍ଠିତ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରି ଗତ ୧୦ ବର୍ଷ ମଧ୍ୟରେ ଗରିବ ଏବଂ ଜନଜାତି ଲୋକଙ୍କ ପ୍ରତି ବିଜେପି ସରକାର ଅନ୍ୟାୟ କରିବା ସହିତ ବେକାରୀ ଏବଂ ମୁଦ୍ରାସ୍ଫିତି

ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏଡ଼ା ଯାଇଛି ବୋଲି ଅଭିଯୋଗ କରିଛନ୍ତି । କଂଗ୍ରେସ ଦଳ ଯଦି କ୍ଷମତାକୁ ଆସେ ତେବେ ଜନଜାତି ବର୍ଗ ଲୋକଙ୍କ ଲାଗି ଏକ ସ୍ୱତନ୍ତ୍ର ବଜେଟ୍ ବ୍ୟୟବରାଦ କରିବା ସହ ଗରିବ, କୃଷକ ଏବଂ ଅବହେଳିତ ଲୋକଙ୍କ କଲ୍ୟାଣ ଲାଗି କାର୍ଯ୍ୟ କରିବା ସହିତ ଦଳର ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବ ବୋଲି ସେ କହିଛନ୍ତି । ଏହାଛଡ଼ା ଦେଶର ପ୍ରାୟ ୩୦ଲକ୍ଷ ବେକାରୀ ଯୁବକଯୁବତୀଙ୍କୁ କାର୍ଯ୍ୟପନ୍ଥା ଯୋଗାଇ ଦେବା ସହିତ **MNREGA** ଯୋଜନା ଅଧୀନରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଲୋକଙ୍କୁ ଅତି କମ୍‌ରେ ୧୦୦ ଦିନର ନିଯୁକ୍ତି ସୁବିଧା କଂଗ୍ରେସ ଯୋଗାଇଦେବ ବୋଲି ସେ କହିଛନ୍ତି ।

## ଓନିଅନ ଏକ୍ସପୋର୍ଟ

କେନ୍ଦ୍ର ସରକାର ବାଂଲାଦେଶ, ସଂଯୁକ୍ତ ଆରବ ଏମିରେଟ୍ସ, ଭୁଟାନ, ବାହାରେନ, ମରିସସ୍ ଏବଂ ଶ୍ରୀଲଙ୍କାକୁ ୯୯ ହଜାର ମେଟ୍ରିକ୍ ଟନ୍ ପିଆଜ ରପ୍ତାନି କରିବାକୁ ଅନୁମତି ଦେଇଛନ୍ତି । ବିଶେଷ କରି ପଶ୍ଚିମ ଏସିଆ ଏବଂ କେତେକ ୟୁରୋପୀୟ ଦେଶର ରପ୍ତାନି ବଜାର ପାଇଁ ଚାଷ କରାଯାଉଥିବା ଦୁଇ ହଜାର ମେଟ୍ରିକ ଟନ୍ ଧଳା ପିଆଜର ରପ୍ତାନିକୁ ସରକାର ଅନୁମତି

ଦେଇଛନ୍ତି। ଗତବର୍ଷ ତୁଳନାରେ ୨୦୨୩-୨୪ରେ ଖରିଫ ଓ ରବି ଫସଲ ଅମଳ ହ୍ରାସ ପାଇଥିବା ପରିପ୍ରେକ୍ଷୀରେ ପର୍ଯ୍ୟାପ୍ତ ଘରୋଇ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଗତବର୍ଷ ଡିସେମ୍ବରରେ ପିଆଜ ରପ୍ତାନିକୁ ନିଷେଧ କରାଯାଇଥିଲା।

ଖାଉଟି ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ମୂଲ୍ୟ ସ୍ଥିରତା ପାଣ୍ଠି ଅଧୀନରେ ପର୍ଯ୍ୟାପ୍ତ ପିଆଜ ଉପଲବ୍ଧତା ପାଇଁ ରବି-୨୦୨୪ରୁ ଚଳିତ ବର୍ଷ ୫ ଲକ୍ଷ ଟନ୍ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜାତୀୟ ସମବାୟ ଉପଭୋକ୍ତା ମହାସଂଘ ଲିମିଟେଡ୍ ଏବଂ ନାଫେଡ୍ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ କ୍ରୟ ଏବଂ ସଂରକ୍ଷଣକୁ ସମର୍ଥନ କରିବା ପାଇଁ ସ୍ଥାନୀୟ ଏଜେନ୍ସିଗୁଡ଼ିକୁ ଅନୁବନ୍ଧିତ ଅଛନ୍ତି। ପିଆଜର ଭଣ୍ଡାରଣ କ୍ଷତିକୁ ହ୍ରାସ କରିବା ପାଇଁ ଖାଉଟି ବ୍ୟାପାର ବିଭାଗ ମୁମ୍ବାଇର ବିଏଆରସିର ବୈଷୟିକ ସହାୟତାରେ ଗତବର୍ଷ ୧୨୦୦ ମେଟ୍ରିକ୍ ଟନ୍‌ରୁ ଚଳିତ ବର୍ଷ ୫ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି।

## କାମ୍ବୋଡିଆ ବିସ୍ଫୋରଣ

କାମ୍ବୋଡିଆର ପଶ୍ଚିମରେ ଥିବା ଏକ ସେନା ଘାଟିରେ ଗତକାଲି ଗୋଳାବାରୁଦ ବିସ୍ଫୋରଣ ଘଟି ୨୦ ଜଣ ଯବାନଙ୍କ ମୃତ୍ୟୁ ଘଟିଛି।

କାମ୍ପଙ୍ଗ ସ୍ପେଉ ପ୍ରଦେଶରେ ଥିବା ସେନା ଘାଟିରେ ହୋଇଥିବା ବିସ୍ଫୋରଣରେ ଅନେକ ଆହତ ହୋଇଛନ୍ତି। କେଉଁ କାରଣରୁ ବିସ୍ଫୋରଣ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ।

କାମ୍ବୋଡିଆ ସେନା ଅନୁଯାୟୀ, ଏହି ଘଟଣା ଏକ ଗୋଳାବାରୁଦ ଗୋଦାମ ବିସ୍ଫୋରଣ ଥିଲା, ଯେଉଁଥିରେ ଅସ୍ତ୍ରଶସ୍ତ୍ର ବୋଝେଇ ଏକ ଟ୍ରକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହି ବିସ୍ଫୋରଣରେ ଏକ କାର୍ଯ୍ୟାଳୟ କୋଠା ଓ ନିକଟବର୍ତ୍ତୀ ବ୍ୟାରେକ୍ ନଷ୍ଟ ହୋଇଯାଇଥିବା ବେଳେ ଆଖପାଖ ୨୫ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

# ଆଇପିଏଲ୍

ଆଇପିଏଲ୍‌ର ଗତକାଲି ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛନ୍ତି । ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍‌ର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ମୁମ୍ବାଇ ଇଣ୍ଡିଆନ୍ସ ସମ୍ମୁଖରେ ୨୫୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦଳପକ୍ଷରୁ ଓପନର ଜେକ୍ ଫ୍ରେଜର-ମ୍ୟାକ୍‌ଗର୍କ ସର୍ବାଧିକ ୮୪ ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୯

ୱିକେଟ୍ ହରାଇ ୨୪୭ ରନ୍ କରିଥିଲା । ଏହି ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ପହଞ୍ଚିଛି ।

ଅନ୍ୟପକ୍ଷରେ ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ଜାଏଣ୍ଟ୍‌ସ ୫ ୱିକେଟ୍ ହରାଇ ୧୯୬ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ରାଜସ୍ଥାନ ରୟାଲ୍ସ ଦଳ ୩ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଏହି ବିଜୟ ସହ ରାଜସ୍ଥାନ ରୟାଲ୍ସ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନ ବଜାୟ ରଖିଛି ।

ଆଜି ଅପରାହ୍ଣ ୩ଟା ୩୦ ମିନିଟ୍ ସମୟରେ ଅହମ୍ମଦାବାଦଠାରେ ଗୁଜୁରାଟ ଟାଇଟନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ଚେନ୍ନାଇଠାରେ ସଂଧ୍ୟା ସାଢ଼େ ୭ଟା ବେଳେ ଚେନ୍ନାଇ ସୁପରକିଙ୍ଗ୍‌ସ' ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଭେଟିବ ।